ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

ସପ୍ତାହ- ୧୬ | ବିଶେଷ ବୁଲେଟିନ୍-୨ | ଶୁକ୍ରବାର, ତାରିଖ:୧୭.୦୪.୨୦୨୫

# ଜିଲ୍ଲା: କଳାହାଣ୍ଡି

| | |
|---|---|
| ଦ୍ବିତୀୟ ଦିନ : ୧୮.୦୪.୨୦୨୫ | **ହଳଦିଆ ଚତାବନୀ (ଅବଗତ ରୁହନ୍ତୁ) :-** ଜିଲ୍ଲା ର କିଛି ସ୍ଥାନରେ **ଉଷ୍ଣ ଲହରୀ ଅନୁଭୂତ** ହେବାର ଅଧିକ ସମ୍ଭାବନା ରହିଛି। |
| ତୃତୀୟ ଦିନ : ୧୯.୦୪.୨୦୨୪ | **ହଳଦିଆ ଚତାବନୀ (ଅବଗତ ରୁହନ୍ତୁ) :-** ଜିଲ୍ଲା ର କିଛି ସ୍ଥାନରେ **ଉଷ୍ଣ ଲହରୀ ଅନୁଭୂତ** ହେବାର ଅଧିକ ସମ୍ଭାବନା ରହିଛି। |
| ଚତୁର୍ଥ ଦିନ : ୨୦.୦୪.୨୦୨୪ | **ହଳଦିଆ ଚତାବନୀ (ଅବଗତ ରୁହନ୍ତୁ) :-** ଜିଲ୍ଲା ର କିଛି ସ୍ଥାନରେ **ଉଷ୍ଣ ଲହରୀ ଅନୁଭୂତ** ହେବାର ଅଧିକ ସମ୍ଭାବନା ରହିଛି। |

## ପ୍ରଭାବ ଆଧାରିତ ପାଣିପାଗ ଭିତ୍ତିକ କୃଷି ଉପଦେଶ

| ଫସଲ | ଅବସ୍ଥା | ଫସଲ ଉପରେ ପ୍ରଭାବ | କୃଷି ଉପଦେଶ |
|---|---|---|---|
| ଧାନ | ଫୁଲ/ଶସ୍ୟ ଭରିବା ଅବସ୍ଥା | • ଶୀଘ୍ର ପାକଳ ହେଇଯିବ ଓ ରୋଗ ପୋକ ର ଉପସ୍ଥିତି ବଢ଼ିଯିବ | ▪ ନିୟମିତ ଜଳସେଚନ ଦ୍ଵାରା ୫ ସେଣ୍ଟିମିଟର ଯାଏଁ ଜଳ ର ଗଭୀରତା ବଜାୟ ରଖନ୍ତୁ ଓ ରୋଗ ପୋକର ଉପସ୍ଥିତି କୁ ନିରୀକ୍ଷଣ କରନ୍ତୁ। |
| ପନିପରିବା ଚାଷ | ଅଙ୍ଗୀୟ ରୁ ପାକଳ ଅବସ୍ଥା | ▪ ଗଛର ବୃଦ୍ଧି ହ୍ରାସ ପାଇବା ସହ ପତ୍ର ଓ ଡାଳ ସଂଖ୍ୟା କମିଯିବ।<br>▪ ଫୁଲ ଓ ଫଳ ଝଡ଼ିବାକୁ ଲାଗିବ।<br>▪ ଟମାଟୋ କ୍ଷେତ୍ରରେ ଫଳରେ ଫାଟ ସୃଷ୍ଟି ହେବ ଓ ପ୍ରଖର ସୂର୍ଯ୍ୟ କିରଣ ପ୍ରଭାବରେ ଫଳରେ ଦାଗ ଦେଖାଯିବ।<br>▪ ପିଆଜରେ ଫଳର ଆକାର ହ୍ରାସ ପାଇବ।<br>▪ ଝାଉଁଳା ରୋଗ ଦେଖା ଦେବ। | ▪ ନିୟମିତ ଜଳସେଚନ ଦ୍ୱାର ଜମିରେ ମାଟିର ଆର୍ଦ୍ରତାକୁ ବଜାୟ ରଖନ୍ତୁ।<br>▪ ପରିପକ୍ୱ ପନିପରିବା କୁ ତୋଳି ଆଣନ୍ତୁ।<br>▪ ମାଟିରେ ଜୈବିକ ଆଚ୍ଛାଦନ ସହ ବୁନ୍ଦା ଜଳସେଚନ ର ବ୍ୟବସ୍ଥା କରନ୍ତୁ।<br>▪ ପାରମ୍ପରିକ ଉପାୟରେ ଜଳସେଚନ କରୁଥିଲେ ଲମ୍ବା ଅବଧି ପର୍ଯ୍ୟନ୍ତ ଜଳସେଚନ କରନ୍ତୁ।<br>▪ ପତ୍ରରୁ ବାଷ୍ପୀକରଣ କୁ କମ କରିବା ପାଇଁ ପତ୍ରରେ ୨ ରୁ ୪ ପ୍ରତିଶତ କାଅଲିନ ସ୍ପ୍ରେ କରନ୍ତୁ।<br>▪ ଝାଉଁଳା ରୋଗ ପାଇଁ ୧୦ ଲିଟର ପାଣିରେ ୧୦ ଗ୍ରାମ ପ୍ଲାଣ୍ଟୋମାଇସିନ ସହିତ ୨୫ ଗ୍ରାମ କପର ଅକ୍ସିକ୍ଲୋରାଇଡ ର ମିଶ୍ରଣକୁ ଗଛର ମୂଳରେ ସିଞ୍ଚନ କରି ମାଟିକୁ ଓଦା କରନ୍ତୁ। |
| ଫଳ ଚାଷ | ଫଳ ରୁ ଅମଳ ଅବସ୍ଥା | ▪ ଆମ୍ବ ଗଛରେ ଫଳ ଝଡ଼ିବା ସହିତ ଫଳର ଆକାରରେ ମଧ ହ୍ରାସ ଘଟିଥାଏ।<br>▪ ଲେମ୍ବୁ ଗଛରେ ରେ ଅଧିକ ରୋଗ ଓ ପୋକ ର ଉପସ୍ଥିତି ସହିତ ଫଳଧରିବା ହ୍ରାସ ପାଇଥାଏ।<br>▪ ଆମ୍ବ, ପିଜୁଳି ଓ ଲେମ୍ବୁ ଗଛରେ ପତ୍ର ଶୁଖିଲା ପଡ଼ିଯାଏ<br>▪ ଅମୃତଭଣ୍ଡା ଗଛରେ ଫଳ ଓ ଫୁଲ ଝଡ଼ା ଦେଖାଦିଏ। | ▪ ପାଣିର ଅଭାବ ହେତୁ ଏବେ ଅଷ୍ଟପଦି (ମାଇଟ) ର ଉପସ୍ଥିତି ପରିଲିକ୍ଷିତ ହୁଏ। ନିୟନ୍ତ୍ରଣ ପାଇଁ ୧୦ ଲିଟର ପାଣିରେ ୨୦ ମିଲିଗ୍ରାମ ଇଥିଅନ ୫୦ ଇସି କୁ ମିଶ୍ରଣ କରି ସ୍ପ୍ରେ କରନ୍ତୁ।<br>▪ ଫଳରେ ପୋଡ଼ା ଦାଗକୁ ହ୍ରାସ କରିବା ପାଇଁ ୧୦ ଲିଟର ପାଣିରେ ୨୫ ଗ୍ରାମ କୁ ମିଶାଇ ସିଞ୍ଚନ କରନ୍ତୁ।<br>▪ ନିୟମିତ ଫଳ ବଗିଚାରେ ଜଳସେଚନ କରନ୍ତୁ। ମାଟିରେ ଜୈବିକ ଆଚ୍ଛାଦନ ସହ ବୁନ୍ଦା ଜଳସେଚନ ର ବ୍ୟବସ୍ଥା କରନ୍ତୁ। |
| ମାଛ ଚାଷ | | ପାଣିର ତାପମାତ୍ରାରେ ବୃଦ୍ଧି ଘଟେ ଓ ପାଣିରେ ଅକ୍ସିଜେନର ମାତ୍ରା କମିଯାଏ | ▪ ପୋଖରୀ ର ଜଳର ଗଭୀରତା ସତେଜ ପାଣି ଭର୍ତି କରି ୧ ମିଟର ବଢ଼ାଇ ଦିଅନ୍ତୁ।<br>▪ ଦାନା ର ପରିମାଣ ୧୦ ରୁ ୨୦ ପ୍ରତିଶତ କମ କରିଦିଅନ୍ତୁ।<br>▪ ପୋଖରୀ ଭିତରକୁ ଥଣ୍ଡା ପାଣି ପ୍ରବେଶ ପାଇଁ ବ୍ୟବସ୍ଥା କରନ୍ତୁ ଯେପରିକି ପାଣିର ତାପମାତ୍ରା ୧୩ ରୁ ୧୮ ଡିଗ୍ରୀ ସେ. ବଜାୟ ରହିବ। |

| | | | |
|---|---|---|---|
| ପଶୁପାଳନ | | ▪ ପାଣିର ଆବଶ୍ୟକତା ବଢ଼ିଯାଏ ଓ ଭୋକ କମିଯାଏ।<br>▪ କ୍ଷୀର ଉତ୍ପାଦନ ହ୍ରାସ ପାଏ।<br>▪ ଚର୍ମ ରୋଗ ଦେଖାଦିଏ। | ▪ ଗୁହାଳ ଛାତରେ ନଡ଼ା ବିଛାନ୍ତୁ ଓ ସେଥିରେ ପାଣି ସିଞ୍ଚନ କରନ୍ତୁ। ଗୁହାଳ ଭିତରେ ପାଣି ସିଞ୍ଚନର ବ୍ୟବସ୍ଥା କରନ୍ତୁ ଏବଂ ଥଣ୍ଡା ପବନ ପାଇଁ କୁଲର କିମ୍ବା ଫେନ ର ବ୍ୟବସ୍ଥା କରନ୍ତୁ।<br>▪ ପଶୁ ମାନଙ୍କୁ ଦିନ ୧୦ ରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ବାହାରକୁ ଛାଡ଼ନ୍ତୁ ନାହିଁ।<br>▪ କ୍ଷୀର ଉତ୍ପାଦନ ହେଉଥିବା ଗାଈ ମାନଙ୍କୁ ପାଣିରେ ସ୍ନାନ କରାନ୍ତୁ ଓ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ର ବ୍ୟବସ୍ଥା କରନ୍ତୁ। |
| କୁକୁଡ଼ା ପାଳନ | | ▪ ଅଣ୍ଡା ଉତ୍ପାଦନ ରେ ହ୍ରାସ ଘଟିଥାଏ।<br>▪ ଶରୀରର ଓଜନ କମିବା ସହିତ ଖାଦ୍ୟ ଗ୍ରହଣ ଶକ୍ତି ହ୍ରାସ ପାଏ।<br>▪ ଅଣ୍ଡା ଦିଆ କୁକୁଡ଼ା ମାନଙ୍କର ମୃତ୍ୟୁ ହାର ବଢ଼ିଯାଏ। | ▪ ଛାତରେ ନଡ଼ା ବିଛାନ୍ତୁ ଓ ସେଥିରେ ପାଣି ସିଞ୍ଚନ କରନ୍ତୁ।<br>▪ ଘର ଚାରିପଟେ ପରଦାର ବ୍ୟବସ୍ଥା କରନ୍ତୁ ଓ ସେଥିରେ ପାଣି ସିଞ୍ଚନ କରନ୍ତୁ<br>▪ ସକାଳ ୫ ଟା ପୂର୍ବରୁ ଓ ସନ୍ଧ୍ୟା ୫ ଟା ପରେ ଖାଦ୍ୟ ଦିଅନ୍ତୁ ଯଦ୍ୱାରା ବାୟୁମଣ୍ଡଳରେ ଅଧିକ ତାପମାତ୍ରା ଥିବା ସମୟରେ କୁକୁଡ଼ା ଶରୀରେ ତାପମାତ୍ରା କମ ଉତ୍ପତି ହେବ।<br>▪ ଦିନରେ ତାପମାତ୍ରା ଅଧିକ ଥିବା ସମୟରେ ଥଣ୍ଡା ପାନୀୟ ଜଳ ପ୍ରଦାନ କରନ୍ତୁ। |

**ନୋଡାଲ ଅଫିସର**


**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**



ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

